**Series : RQ3SP** **SET~4**

**Q.P. Code 13**

Roll No. | | | | | | | | |

Candidates must write the Q.P. Code on the title page of the answer-book.

# ଓଡ଼ିଆ

# ODIA

*ସମୟ : **3** ଘଣ୍ଟା* *ପୂର୍ଣ୍ଣ ସଂଖ୍ୟା : **80***

*Time allowed : **3** hours* *Maximum Marks : **80***

**ਨੋਟ :**

(I) ਕਿਰਪਾ ਕਰਕੇ ਜਾਂਚ ਕਰ ਲਵੋ ਕਿ ਇਸ ਪ੍ਰਸ਼ਨ ਪੱਤਰ ਵਿੱਚ ਛਪੇ ਹੋਏ **11** ਪੰਨੇ ਹਨ ।

(II) ਪ੍ਰਸ਼ਨ ਪੱਤਰ ਵਿੱਚ ਸੱਜੇ ਹੱਥ ਦੇ ਵੱਲ ਦਿੱਤੇ ਗਏ ਪ੍ਰਸ਼ਨ ਪੱਤਰ ਕੋਡ ਨੂੰ ਪ੍ਰੀਖਿਆਰਥੀ ਉੱਤਰ ਪੁਸਤਿਕਾ ਦੇ ਮੁੱਖ ਪੰਨੇ ਉਪਰ ਲਿਖਣ ।

(III) ਕਿਰਪਾ ਕਰਕੇ ਜਾਂਚ ਕਰ ਲਵੋ ਕਿ ਇਸ ਪ੍ਰਸ਼ਨ ਪੱਤਰ ਵਿੱਚ **14** ਪ੍ਰਸ਼ਨ ਹਨ ।

(IV) **ਕਿਰਪਾ ਕਰਕੇ ਪ੍ਰਸ਼ਨ ਦਾ ਉੱਤਰ ਲਿਖਣਾ ਸ਼ੁਰੂ ਕਰਨ ਤੋਂ ਪਹਿਲਾਂ, ਉੱਤਰ ਪੁਸਤਿਕਾ ਵਿੱਚ ਪ੍ਰਸ਼ਨ ਦਾ ਕ੍ਰਮਾਂਕ (ਸੀਰਿਅਲ ਨੰਬਰ) ਜ਼ਰੂਰ ਲਿੱਖੋ ।**

(V) ਇਸ ਪ੍ਰਸ਼ਨ ਪੱਤਰ ਨੂੰ ਪੜ੍ਹਨ ਦੇ ਲਈ 15 ਮਿੰਟ ਦਾ ਸਮਾਂ ਦਿੱਤਾ ਗਿਆ ਹੈ । ਪ੍ਰਸ਼ਨ ਪੱਤਰ ਸਵੇਰੇ 10.15 ਵਜੇ ਵੰਡੇ ਜਾਣਗੇ । 10.15 ਵਜੇ ਤੋਂ 10.30 ਵਜੇ ਤਕ ਪ੍ਰੀਖਿਆਰਥੀ ਕੇਵਲ ਪ੍ਰਸ਼ਨ ਪੱਤਰ ਨੂੰ ਪੜ੍ਹਨਗੇ ਅਤੇ ਇਸ ਸਮੇ ਵਿੱਚ ਉਹ ਉੱਤਰ ਪੁਸਤਿਕਾ ਵਿੱਚ ਕੋਈ ਉੱਤਰ ਨਹੀਂ ਲਿਖਣਗੇ ।

**NOTE :**

(I) Please check that this question paper contains **11** printed pages.

(II) Q.P. Code given on the right hand side of the question paper should be written on the title page of the answer-book by the candidate.

(III) Please check that this question paper contains **14** questions.

(IV) **Please write down the Serial Number of the question in the answer-book at the given place before attempting it.**

(V) 15 minute time has been allotted to read this question paper. The question paper will be distributed at 10.15 a.m. From 10.15 a.m. to 10.30 a.m., the candidates will read the question paper only and will not write any answer on the answer-book during this period.

***General Instructions :***

- *This question paper is divided into **4** sections.*
- *It has total **14** questions.*
- ***Section A : 1** Question no. **1***
- ***Section B : 2** Questions no. **2** and **3***
- ***Section C : 4** Questions no. **4** to **7***
- ***Section D : 7** Questions no. **8** to **14***

*Attempt questions as per specific instructions.*
*Write question no. in answer book before attempting it.*

***ସାଧାରଣ ନିର୍ଦ୍ଦେଶାବଳୀ :***

- *ଏହି ପ୍ରଶ୍ନପତ୍ରରେ ସମୁଦାୟ 4 ଗୋଟି ବିଭାଗ ରହିଛି ।*
- *ଏହି ପ୍ରଶ୍ନପତ୍ରରେ ସମୁଦାୟ 14 ଟି ପ୍ରଶ୍ନ ରହିଛି ।*
- ***ସେକ୍ସନ ଏ (Section A) : 1** ପ୍ରଶ୍ନ ସଂଖ୍ୟା **1** ରହିଛି ।*
- ***ସେକ୍ସନ ବି (Section B) : 2** ପ୍ରଶ୍ନ ସଂଖ୍ୟା **2 ରୁ 3** ରହିଛି ।*
- ***ସେକ୍ସନ ସି (Section C) : 4** ପ୍ରଶ୍ନ ସଂଖ୍ୟା **4 ରୁ 7** ରହିଛି ।*
- ***ସେକ୍ସନ ଡି (Section D) : 7** ପ୍ରଶ୍ନ ସଂଖ୍ୟା **8 ରୁ 14** ରହିଛି ।*

*ନିର୍ଦ୍ଦେଶାନୁସାରେ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।*
*ଉତ୍ତର ଲେଖିବା ପୂର୍ବରୁ ଉତ୍ତରପତ୍ରର ବାମପାର୍ଶ୍ୱରେ ପ୍ରଶ୍ନ ନମ୍ବର ଉଲ୍ଲେଖ କର ।*

## SECTION A
## ସେକ୍ସନ ଏ

**1.** ନିମ୍ନ ଅନୁଚ୍ଛେଦଟିକୁ ପାଠ କରି ପ୍ରଦତ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । *5×2=10*

ସବୁ ସୃଷ୍ଟିର ସମାଲୋଚନା କରି ହୁଏନାହିଁ । କାରଣ ଯେଉଁ ସୃଷ୍ଟି ଆଲୋଚନା ପରିସର ଭିତରକୁ ଆସିପାରେ ନାହିଁ, ତାହା ସମାଲୋଚନା ସ୍ତରକୁ ପହଞ୍ଚିବା ମଧ୍ୟ ଯୋଗ୍ୟ ବିବେଚିତ ହୁଏ ନାହିଁ । ସାହିତ୍ୟିକ ଯେତେବେଳେ ସମାଜ ଓ ଜୀବନର ଆହ୍ୱାନକୁ ସମ୍ପୂର୍ଣ୍ଣରୂପେ ବିସ୍ମୃତ ହୋଇ, ସ୍ୱକୀୟ ପ୍ରେରଣାକୁ ସର୍ବସ୍ୱ ମନେକରି ସାହିତ୍ୟ ସୃଷ୍ଟି କରିବାକୁ ଯାଏ ସେତେବେଳେ ସମାଲୋଚକର ଭୂମିକା ସଙ୍କୁଚିତ ହୋଇଥାଏ । କାରଣ ସମାଲୋଚନା ସଙ୍କୋଚନେରେ ନୁହେଁ, ଦୃଷ୍ଟିଶକ୍ତିର ସମ୍ପ୍ରସାରଣରେ ହିଁ ସାର୍ଥକତା ଲାଭ କରେ । ସମାଲୋଚକ ସାହିତ୍ୟ ଭୂଇଁ ଉପରେ ଠିଆହୋଇ ସ୍ରଷ୍ଟାର ମାନସିକ

ଦିଗବଳୟକୁ ମାପିବାଲାଗି ଚେଷ୍ଟା କରିଥାଏ ଏବଂ ତା'ର ଇଲାକାକୁ ପରଖିଥାଏ । ସମାଲୋଚକ ନିଜର ସମ୍ୟକ ଦୃଷ୍ଟିଟିକୁ ନହରାଇବ । ପାଇଁ ଯେକୌଣସି ସ୍ରଷ୍ଟାର ସୃଷ୍ଟିକୁ ତୁଚ୍ଛାରେ ନିନ୍ଦା କିମ୍ବା ପ୍ରଶଂସାକରେ ନାହିଁ କିମ୍ବା ଆକ୍ଷେପମୂଳକ ଯୁକ୍ତିମଧ୍ୟ ଉପସ୍ଥାପନ କରେନାହିଁ । କଥାରେ ଅଛି – 'ପାଞ୍ଚହାତ କୁଅରୁ ପାଣି କାଢ଼ିବାକୁହେଲେ ଛଅହାତ ଦଉଡ଼ି' ଦରକାର । ତେଣୁ ସୀମିତ ଜ୍ଞାନକୁ ସମ୍ବଳକରି ସମାଲୋଚନା କ୍ଷେତ୍ରରେ ପ୍ରବେଶ କରିବା ଅତ୍ୟନ୍ତ ଅଶୋଭନୀୟ ପଦକ୍ଷେପ । କାରଣ ଦିନକୁ ଦିନ ମଣିଷର ଜ୍ଞାନର ପରିସର ଯେପରି ବୃଦ୍ଧିପାଉଛି, ମନୋବୃତ୍ତିର ମଧ୍ୟ ସେମିତି ପରିବର୍ତ୍ତନ ଘଟୁଛି । ତଦନୁସାରେ ସାହିତ୍ୟ କ୍ଷେତ୍ରରେ ମଧ୍ୟ କେତେ ନୂଆ ସ୍ୱର ଓ ସ୍ୱାକ୍ଷର ପରିଲକ୍ଷିତ ହେଉଛି । ତେଣୁ ବର୍ତ୍ତମାନ ସମୟରେ ଆଧୁନିକ ଚେତନା ସହ ପରିଚିତ ନହେଲେ ଜଣେ ଆଧୁନିକ ସମାଲୋଚକ ହେବା ସହଜ ନୁହେଁ । ଏଥିରୁ ସ୍ପଷ୍ଟ ଅନୁମେୟ ଦୃଷ୍ଟିଭଙ୍ଗୀ ଯେତିକି ବ୍ୟାପକ ହେବ, ସମାଲୋଚନାର ପରିସର ସେତିକି ବିସ୍ତୃତ ହୋଇପାରିବ ।

(i) ସମାଲୋଚକର ଭୂମିକା କେତେବେଳେ ସଙ୍କୁଚିତ ହୋଇଯାଏ ?

(ii) ସାହିତ୍ୟ ଭୂଇଁ ଉପରେ ଠିଆହୋଇ ସମାଲୋଚକ କ'ଣ କରିବାକୁ ଚେଷ୍ଟାକରେ ?

(iii) ସମାଲୋଚକ କାହିଁକି ଆକ୍ଷେପମୂଳକ ଯୁକ୍ତି ଉପସ୍ଥାପନ କରେନାହିଁ ?

(iv) ସୀମିତ ଜ୍ଞାନକୁ ନେଇ ସମାଲୋଚନା କ୍ଷେତ୍ରରେ ପ୍ରବେଶ କରିବାକୁ କାହିଁକି ଅଶୋଭନୀୟ ପଦକ୍ଷେପ ବୋଲି କୁହାଯାଇଛି ?

(v) ସବୁ ସୃଷ୍ଟିର ସମାଲୋଚନା କାହିଁକି କରିହୁଏ ନାହିଁ ?

## SECTION B
## ସେକ୍ସନ ବି

**2.** ଯେକୌଣସି ***ଗୋଟିଏ*** ବିଷୟରେ ରଚନା ଲେଖ । *1×6=6*

(i) ପରିଶ୍ରମ ଜୀବନର ପ୍ରହରୀ

(ii) ଆଣବିକ ଶକ୍ତି ଓ ଭାରତ

(iii) ଜଳବାୟୁ ପରିବର୍ତ୍ତନ ଓ କୃଷି

3. (a) ତୁମ ଅଞ୍ଚଳରେ ଅଜଣା ରୋଗ ଆତଙ୍କ ସୃଷ୍ଟି କରିଛି । ତାହାର ପ୍ରତିକାର ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ନିକଟକୁ ଏକ ଦରଖାସ୍ତ ଲେଖ । *6*

**କିମ୍ବା (OR)**

(b) ତୁମ ଗ୍ରାମର ପାଠାଗାରକୁ ଅଧିକ ସମୃଦ୍ଧ କରିବାକୁ ଆର୍ଥିକ ସହାୟତା ନିମନ୍ତେ ଜିଲ୍ଲାପାଳଙ୍କ ନିକଟକୁ ଏକ ଦରଖାସ୍ତ ଲେଖ ।

(ବି.ଦ୍ର. – ପ୍ରକୃତ ନାମ ବା ଠିକଣା ବଦଳରେ 'କ' ବା 'ଖ' ପରି କାଳ୍ପନିକ ନାମ ବା ଠିକଣା ବ୍ୟବହାର କରାଯିବ । )

## SECTION C

## ସେକ୍ସନ ସି

4. ନିମ୍ନଲିଖିତ ଶବ୍ଦଗୁଡ଼ିକର ବିପରୀତ ଅର୍ଥ ସୂଚାଉଥିବା ଶବ୍ଦଗୁଡ଼ିକୁ ଲେଖ । (ଯେକୌଣସି ***3*** ଟିର) *3×1=3*

(i) ବିବେକୀ

(ii) ଲିଖିତ

(iii) ସକାମ

(iv) ହ୍ରସ୍ୱ

5. ଶୁଦ୍ଧ ପ୍ରୟୋଗ ଆଧାରରେ ଠିକ୍ କରି ଲେଖ । (ଯେକୌଣସି ***3*** ଟିର) *3×1=3*

(i) ଜ୍ଞାନି

(ii) ଦାରିଦ୍ର୍ୟତା

(iii) ଅଭିସେକ

(iv) କ୍ଷିର

6. ସମୋଚ୍ଚରିତ ଶବ୍ଦଗୁଡ଼ିକର ଅର୍ଥ ଲେଖ । (ଯେକୌଣସି *2* ଟିର) *2×1=2*

(i) ଜାଗ – ଯାଗ

(ii) ବିଷଦ – ବିଶଦ

(iii) ବଧ – ବଦ୍ଧ

7. ଏକ ପଦରେ ଲେଖ । (ଯେକୌଣସି *2* ଟିର) *2×1=2*

(i) ଉପକାର କରିବାର ଇଚ୍ଛା

(ii) ଯେ ହାଟ କରେ

(iii) ନାହିଁ ମାପ ଯାହାର

## SECTION D

## ସେକ୍ସନ ଡି

8. ସପ୍ରସଙ୍ଗ ସରଳାର୍ଥ ଲେଖ । (ଯେକୌଣସି *1* ଟିର) *1×5=5*

(i) ବିପରୀତ ପଥରେ ଗମନ କରି କେହି କଦାପି ଉନ୍ନତିର ସୋପାନରେ ଆରୋହଣ କରି ନପାରେ ।

(ii) ଯୋଜନାକୁ ଯେତିକି ଆଗ୍ରହରେ କରିବାକୁ ହେବ, ଶିକ୍ଷାକୁ ତା'ଠାରୁ ଅନେକ ଗୁଣ ଅଧିକ ଆଗ୍ରହରେ କଲେ ଶିକ୍ଷା ଓ ଯୋଜନା ଭିତରେ ସମନ୍ୱୟ ରହିପାରିବ ।

9. ସଂକ୍ଷେପରେ ଉତ୍ତର ଲେଖ । (ଯେକୌଣସି *3* ଟିର) *3×2=6*

(i) ପ୍ରାଥମିକ ମନୁଷ୍ୟ କିପରି କାଳାତିପାତ କରୁଥିଲା ?

(ii) କେଉଁମାନଙ୍କୁ ନିରାଶ ନକରି ଅବିରତ ବାରିପାତ କରିବାକୁ ଲେଖକ ଜଳଦକୁ ଅନୁରୋଧ କରିଛନ୍ତି ?

(iii) ଗଣତନ୍ତ୍ରକୁ ଯାହାବୋଲି ଘୋଷଣା କରାଯାଏ ସତରେ କାହିଁକି ସେ ତାହାନୁହେଁ ବୋଲି ମନରେ ପ୍ରଶ୍ନଉଠେ ?

(iv) ଭାରତବର୍ଷରେ ବିଶେଷଜ୍ଞମାନଙ୍କର କୌଣସିକଥା କରିବାପାଇଁ କାହିଁକି ବ୍ୟକ୍ତିଗତ ଉତ୍ସାହ କିମ୍ବା ସ୍ପୃହାନାହିଁ ?

(v) ନିଘଞ୍ଚ ବନମଧ୍ୟରେ ଥିବା ବନବାସୀମାନଙ୍କ ଗ୍ରାମର ସୀମାକୁ ଜଳଦ କିପରି ଚିହ୍ନି ପାରିବ ?

**10.** ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଗୁଡ଼ିକୁ ବାଛି ଲେଖ । *10×1=10*

(i) ସତ୍ୟ ସଙ୍ଗେ କାହାର ଉନ୍ନତି ଘନିଷ୍ଠ ଭାବରେ ସମ୍ବନ୍ଧିତ ?

(A) ଦାନବର ଉନ୍ନତି (B) ପାଶବର ଉନ୍ନତି

(C) ଦେବର ଉନ୍ନତି (D) ମାନବର ଉନ୍ନତି

(ii) ଅଳକାପୁରୀରେ ଥିବା ପ୍ରିୟା ପାଖକୁ ବିରହୀ ଯକ୍ଷଟିଏ ଉଦନ୍ତ ପଠାଇଥିଲା – ଏଠାରେ 'ଉଦନ୍ତ' ଶବ୍ଦର ଅର୍ଥ କ'ଣ ?

(A) ସର୍ତ୍ତ (B) ଆର୍ତ୍ତ

(C) ବାର୍ତ୍ତା (D) ବିସ୍ମୃତ

(iii) ଶାସନ କ୍ଷମତା ପାଇବାଲୋଭରେ ଜନତାର ପ୍ରତିନିଧି ହେବାକୁ ବାହାରି ପଡୁଥିବା ବ୍ୟକ୍ତିମାନଙ୍କୁ ପ୍ରାବନ୍ଧିକ କ'ଣ କହିଛନ୍ତି ?

(A) କୃଷ୍ଣକାୟ ବୈଷ୍ଣବ (B) ବିରାଡ଼ି ବୈଷ୍ଣବ

(C) ଗୌରବର୍ଣ୍ଣ ବୈଷ୍ଣବ (D) ଅକାଳକୁଷ୍ମାଣ୍ଡ

(iv) ବାରିବାହର ସ୍ନିଗ୍ଧ କଜ୍ଜ୍ୱଳକାନ୍ତି କେଉଁଠାରେ ନେତ୍ରୋତ୍ସବ ସୃଷ୍ଟିକରିଛି ?

(A) ପୁଷ୍ପପୁରରେ (B) ଗୋପାଳପୁରରେ

(C) ମଦନଯୁଗରେ (D) ବିଷମକଟକରେ

(v) ଭାରତର କେଉଁକଥାକୁ ଲଙ୍କାରେ ହରିଶବ୍ଦ ସହିତ ତୁଳନା କରାଯାଇଛି ?

(A) ଜାତିଗତ ନ୍ୟାୟ (B) ଆର୍ଥନୀତିକ ନ୍ୟାୟ

(C) ଭାଷାଭିତ୍ତିକ ନ୍ୟାୟ (D) ସାମାଜିକ ନ୍ୟାୟ

(vi) ନୋଟ ବହି ପଢ଼ିବା ଲୋକ କିପରି ପୁସ୍ତକ ଲେଖିପାରିବ ନାହିଁ ବୋଲି ପ୍ରାବନ୍ଧିକ କହିଛନ୍ତି ?

(A) ପୌରାଣିକ ପୁସ୍ତକ (B) ଐତିହାସିକ ପୁସ୍ତକ

(C) ମୌଳିକ ପୁସ୍ତକ (D) ଗଳ୍ପ ପୁସ୍ତକ

(vii) ଅହଙ୍କାରୀର ମସ୍ତକରେ କେଉଁ କଥାଟି ଉଜ୍ଜ୍ୱଳାକ୍ଷରରେ ଲିଖିତ ହୋଇଅଛି ?

(A) ଉତ୍ଥାନ (B) ପତନ

(C) ଗମନ (D) ପ୍ରସ୍ଥାନ

(viii) କେଉଁ ମହାଦେଶରେ ନିରକ୍ଷରତା ସବୁଠାରୁ ବଡ ସମସ୍ୟା ?

(A) ଏସିଆ (B) ୟୁରୋପ

(C) ଆଫ୍ରିକା (D) ଆମେରିକା

(ix) ଗଣତନ୍ତ୍ର ଶାସନରେ ଆମର ଆଜି ଏ ଅବସ୍ଥା ପାଇଁ କିଏ ଦାୟୀ ?

(A) ଦେଶ (B) ଜନତା

(C) ଆମେ (D) ଆପଣମାନେ

(x) ବ୍ୟକ୍ତିଗତ ଜୀବନ ଇତିହାସକୁ ଆମ୍ଭେମାନେ କେଉଁ ଆଖ୍ୟା ପ୍ରଦାନ କରିଥାଉ ?

(A) ଆତ୍ମଜୀବନୀ (B) ଆତ୍ମଲିପି

(C) ଜୀବନଚରିତ (D) ଜୀବନାନୟନ

**11.** ସପ୍ରସଙ୍ଗ ସରଳାର୍ଥ ଲେଖ । (ଯେକୌଣସି *1* ଟିର) *1×5=5*

(i) ତାପସଙ୍କୁ କିଛି ତୁଚ୍ଛ ନଥାଏ ଅଦେୟ,
ମୁହିଁ ତପସ୍ୱିନୀ ମୋତେ ନକରିବ ହେୟ ।

(ii) ନୁହଇଁ ମୁଁ ଆଜି ବିଦେହର ନଟୀ, ନୁହେଁ ବାର ବିଳାସିନୀ ଜଗତର ପଥେ ଯାଉଅଛି
ଆଜି ପ୍ରେମର ସନ୍ନ୍ୟାସିନୀ ।

**12.** ସଂକ୍ଷେପରେ ଉତ୍ତର ଲେଖ । (ଯେକୌଣସି *3* ଟିର) *3×2=6*

(i) ବଡ଼ପଣ କିପରି ଚିରସ୍ଥାୟୀ ହୁଏ ?

(ii) ଯଜ୍ଞକାଳରେ ରାମଚନ୍ଦ୍ରଙ୍କର ସଦ୍‌ଗୁଣ କାହିଁକି ବଢ଼ିଯାଉଥିବ ବୋଲି କୁହାଯାଇଛି ?

(iii) ଯମଦୂତ ବୋଲି କବି ସିପାହିକୁ କାହିଁକି କହିଛନ୍ତି ?

(iv) ପିଙ୍ଗଳାର ଚେ଼ତନା ଜାଗ୍ରତ ହେବାରୁ ସେ ଆଉ କ'ଣ ଲୋଡ଼ାନାହିଁ ବୋଲି କହିଛି ?

(v) କବି ଭସ୍ମ ମଧ୍ୟରୁ କି ଦୀକ୍ଷା ଗ୍ରହଣ କରିବାକୁ କହିଛନ୍ତି ?

**13.** ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଗୁଡ଼ିକୁ ବାଛି ଲେଖ । *10×1=10*

(i) ବିଧାତା ଧର୍ମରୂପକ ପୋତ କାହିଁକି ଗଢ଼ିଛନ୍ତି ?

(A) ରାଜ୍ୟଶାସନ କରିବାପାଇଁ

(B) ଧର୍ମହୀନ ବ୍ୟକ୍ତିଙ୍କୁ ଧର୍ମ ସମ୍ପର୍କରେ ସଚେ଼ତନ କରିବାପାଇଁ

(C) ଧର୍ମପ୍ରଚ୍ଛର କରିବାପାଇଁ

(D) ସଂସାର ବାରିଧିକୁ ଅତିକ୍ରମ କରିବାପାଇଁ

(ii) ସୀତା କିପରି ଅବସ୍ଥାରେ ପତ୍ର ଲେଖୁଥିଲେ ?

(A) ଶୋକାଭିଭୂତା ହୋଇ (B) ଈର୍ଷାନ୍ୱିତା ହୋଇ

(C) ହୃଦୟବିକଳରେ (D) ଭାବ ପ୍ରବଣତାରେ

(iii) ଅନୁଭବିର ନେତ୍ରରେ କ'ଣ ଦେଖାଯାଏ ?

(A) ପ୍ରେମିକାର ଲାସ୍ୟ

(B) ରବିର ଲାସ୍ୟହାସରେ ବିଷାଦ ରେଖା

(C) ପ୍ରେମିକାର ସ୍ୱୀକୃତି

(D) ପ୍ରେମିକର ଅହଙ୍କାର

(iv) ଆସନ୍ନ ସନ୍ଧ୍ୟାରେ ତରୁ ଓ ଗିରିର ବିସ୍ତାରିତ ଛାୟା କାହା ପାଦରେ ପ୍ରଣାମ କରୁଥିଲେ ବୋଲି କବି କଳ୍ପନା କରିଛନ୍ତି ?

(A) ସୂର୍ଯ୍ୟଙ୍କ ପାଦରେ (B) ଚନ୍ଦ୍ରଙ୍କ ପାଦରେ

(C) ବରୁଣଙ୍କ ପାଦରେ (D) ଇନ୍ଦ୍ରଙ୍କ ପାଦରେ

(v) ସଚେତନ ପିଙ୍ଗଳାର ଅଙ୍ଗପୁଲକକୁ କାହା ସହିତ ତୁଳନା କରାଯାଇଛି ?

(A) ପ୍ରସ୍ଫୁଟିତ ପଦ୍ମ (B) କୋରକିତ କେତକୀ

(C) ବିକଶିତ ମଲ୍ଲୀ (D) ବରଷାର ନୀପ

(vi) କେଉଁ ପୁରାଣର ଉପାଖ୍ୟାନ ଆଧାରରେ ''ପିଙ୍ଗଳାର-ଅଭିସାର'' କବିତାଟି ରଚିତ ହୋଇଅଛି ?

(A) ମହାଭାରତ (B) ରାମାୟଣ

(C) ଭାଗବତ (D) ଶିବପୁରାଣ

(vii) ଯୁଗ ଯୁଗ ଧରି ମାନବ ଆତ୍ମାକୁ କିଏ ପୀଡ଼ା ଦେଇଛି ?

(A) ମରୁଡ଼ିର ବିଭୀଷିକା

(B) ଭୀମ ଅତ୍ୟାଗ୍ରର

(C) ବାତ୍ୟାର କରାଳ ତାଣ୍ଡବ

(D) ଶୋଷଣ ପେଷଣ

(viii) ସ୍କନ୍ଦର କାହିଁକି କାନ୍ଦୁଥିଲେ ?

(A) ଜିଣିବାକୁ ଆଉ ଧରାଖଣ୍ଡ ନଥିବାରୁ

(B) ପ୍ରଜାମାନେ ବିଶୃଙ୍ଖଳ ହେବାରୁ

(C) ସ୍କନ୍ଦର ରାଜସିଂହାସନ ହରାଇବାରୁ

(D) ସ୍ୱାସ୍ଥ୍ୟହାନୀ ହେବାରୁ

(ix) ଶତାବ୍ଦୀର ସିଂହଦ୍ୱାରରୁ ଭବିଷ୍ୟତର ବାର୍ତା କିଏ ଆଣିଛି ?

(A) ପାରା

(B) ଡାକବାଲା

(C) ମେଘ

(D) ଦୂତ

(x) ଅତ୍ୟନ୍ତ ଅବୋଧ ବୋଲି ସୀତା କାହାକୁ କହିଛନ୍ତି ?

(A) ରାମ ଓ ଲକ୍ଷ୍ମଣଙ୍କୁ

(B) ମହର୍ଷି ବାଲ୍ମୀକିଙ୍କୁ

(C) ଲବ ଓ କୁଶକୁ

(D) ଅଯୋଦ୍ଧାବାସୀଙ୍କୁ

14. ସଂକ୍ଷେପରେ ଉତ୍ତର ଲେଖ । (ଯେକୌଣସି *3* ଟିର) *3×2=6*

(i) ନୂଆ ଜମିଦାରଙ୍କର ଶୋଇବାକୁ ବେଳ ନଥିଲା କାହିଁକି ?

(ii) ୟୁନିୟନ ଜାକ୍ ପତାକାର ପତନ ଅସମ୍ଭବ ବୋଲି ରାୟବାହାଦୁର କାହିଁକି କହିଥିଲେ ?

(iii) ବିନାରସରେ କାହିଁକି ସନ୍ଧ୍ୟା ହୁଏନା ବୋଲି କୁହାଯାଇଛି ?

(iv) ସମସ୍ତ ସଭାସଦ କାହିଁକି କାନ୍ଦି ଉଠିଥିଲେ ?

(v) ବାହାରର ଜୟଧ୍ୱନି ଶୁଣି ରାୟବାହାଦୁର କ'ଣ କରିଥିଲେ ?